# Akashvani, Sambalpur

## SAMBALPURI NEWS BULLETIN

### 11 July 2025- 6.47- 6.52 am.

*********************************************

ପୂର୍ବାଂଚଲ୍ ପରିଷଦ୍ ବୈଠକ                 ପି.ଆଇ.ବି.

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ଅଧ୍ୟକ୍ଷତାଥି ଝାରଖଣ୍ଡର ରାଂଚି ଠାନେ ଗଲାକାଏଲ୍ ହେଇଥିବା ୨୭ ନମ୍ବର୍ ପୂର୍ବାଂଚଲ୍ ପରିଷଦ୍ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ସହଯୋଗ୍ ମାଗିଛନ୍ । ଇ ଅବ୍‌ସରେ ଶ୍ରୀ ମାଝୀ ଓଡ଼ିଶା ବିକାଶ୍‌ର ନକ୍ସା ଉପସ୍ଥାପନ୍ କର୍‌ବାର୍ ସହେତେ ବିକଶିତ୍ ଭାରତ୍ ଗଠନ୍ ଲାଗି ପରିଷଦ୍ କାମ୍ କର୍‌ବାର୍‌କେ ନିବେଦନ୍ କରିଛନ୍ । ସେନ୍ତା ଓଡ଼ିଶା ନ ବେଙ୍କିଙ୍ଗ୍ ସେବା ବ୍ୟାପକ୍ ଅଭିବୃଦ୍ଧି କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ପ୍ରସ୍ତାବ୍ ଦେଇଛନ୍ । ଆଏବା ବଛର୍ ପୁରୀ ଠାନେ ପରିଷଦ୍‌ର ବୈଠକ୍ କର୍‌ବାର୍ ଲାଗି ଶ୍ରୀ ମାଝୀ ପ୍ରସ୍ତାବ୍ ରଖିଥିଲେ । ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ପ୍ରସ୍ତାବ୍‌କେ ଗ୍ରହଣ୍ କରିଥିଲେ ବଲି ଗଲା ରାତି ଭୁବ୍‌ନେଶ୍ୱର୍ ପୁହୁଁଚିଲା ଉତ୍‌ରୁ ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ସ୍ୱର୍ଣ୍ଣିମ ଭାରତ ପର୍ଯ୍ୟଟନ୍ ଟ୍ରେନ୍       ପି.ଆଇ.ବି.

ଭାରତ୍ ଗୌରବ୍ ଯୋଜ୍ନା ଅଧୀନ୍ଥୁ ଆଏବା ମାସ ୧୪ ତାରିଖ୍ନୁ ସ୍ୱର୍ଣ୍ଣିମ ଭାରତ ଯାତ୍ରା ପର୍ଯ୍ୟଟନ ଟ୍ରେନ୍ର ଶୁଭାରମ୍ଭ କରାଯିବା । ଇ ଟ୍ରେନ୍ ନୂଆଦିଲ୍ଲୀର ସଫ୍ଦର୍ଜଙ୍ଗ୍ ରେଲ୍ଷ୍ଟେସନ୍ନୁ ବାହାର୍ବା । ୯ ରାଏତ୍ ଆର୍ ୧୦ ଦିନ୍ ତକ୍ ଇ ଟ୍ରେନ୍ ସାରା ଦେଶେ ବୁଲିକରି ସ୍ୱାଧୀନତା ଆନ୍ଦୋଲନ୍ ଆଉ ସ୍ୱାଧୀନତା ସଂଗ୍ରାମୀ ମାନ୍କର୍ ସଙ୍ଗେ ଜଡ଼ିତ୍ ଐତିହାସିକ୍ ଆଉ ସାଂସ୍କୃତିକ୍ ଜାଗାମାନ୍କୁ ଯାଇକରି ସେସବୁକେ ତୁର୍ତା କର୍ବା ।

ସମବାୟ ମନ୍ତ୍ରୀ ବୈଠକ୍ I&PR

ଚାଷୀ ଋଣ ଦେବାର୍ ଦିଗେ ସ୍ୱଚ୍ଛତା ରଖ୍ବାର୍କେ ସର୍କାର୍ ପ୍ରତିବଦ୍ଧ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ କହିଛନ୍ । ଭୁବ୍ନେଶ୍ୱର୍ ଠାନେ ଗଲାକାଏଲ୍ ସମବାୟ ଜରିଏ ଫସଲ୍ ଋଣ ଦେବାର୍ ଆର୍ ପ୍ରଧାନ୍ମନ୍ତ୍ରୀ ଫସଲ୍ ବୀମା ଯୋଜ୍ନାର୍ କାର୍ଯ୍ୟକାରିତା ଉପ୍ରେ ହେଇଥିବା ବୈଠକ୍ଥୁ ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ବଳସାମନ୍ତ ଇଟା କହିଛନ୍ । ସେ କହିଛନ୍, ସର୍କାର୍ ଚାଷ୍ ଆର୍ ଚାଷୀମାନ୍କର୍ ବିକାଶ୍ ଲାଗି ସବୁବେଲେ କାମ୍ କରୁଛନ୍ । ଫସଲ୍ ବୀମା ଯୋଜ୍ନାଥୁ ପଞ୍ଜିକୃତ ଚାଷୀମାନ୍କୁ ନୁକ୍ସାନ୍ ବେଲ୍କେ ତୁର୍ତି ବୀମା ସାହାଜ୍ ଯୁଗେଇ ଦିଆଯିବା । ଇ ଦିଗେ ବୀମା

କମ୍ପାନୀମାନେ ତତ୍ପର୍ ରହିକରି ସହଯୋଗ୍ କର୍ବାର୍କେ ସମବାୟ ମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ଖାଉଟି କଲ୍ୟାଣ୍ ମନ୍ତ୍ରୀ-ଗହମ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ଖାଦ୍ୟ ସୁରକ୍ଷା ହିତାଧିକାରୀମାନ୍କୁ ଇ ମାସ ଗହମ୍ ଯୁଗେଇ ଦିଆଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍, ପହେଲା ଖେପେ କେନ୍ଦ୍ର ସର୍କାର୍ ପଠେଇଥିବା ଗହମ୍ ବଂଟାଯିବା । ଇହାଦେ ଯେତ୍କି ଗହମ୍ ମହଜୁଦ୍ ଅଛେ ବାଂଟ୍ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଆଗ୍କେ କେନ୍ଦ୍ରନୁ ଗହମ୍ ଆସ୍ଲେ ସେଟା ଭିଲ୍ ବଂଟାଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ରଥଯାତ୍ରା ଦଲାଚକ୍ଟା ତଦନ୍ତ ପୁରୀ ସମ୍ବାଦଦାତା/I&PR

ପୁରୀ ରଥଯାତ୍ରା ଦଲାଚକ୍ଟା ଘଟ୍ନାର୍ ତଦନ୍ତ କରୁଥିବା ଉନ୍ନୟନ କମିଶନର୍ ଅନୁଗର୍ଗ ଗଲାକାଏଲ୍ ଦୁଇଦିନିଆ ସାକ୍ଷ୍ୟ ଆଉ ତଥ୍ୟ ଗ୍ରହଣ୍ ଅଭିଯାନ୍ ଶେଷ୍ କରିଛନ୍ । ଗଲା ୯ ତାରିଖ୍ ବୁଧ୍ବାର୍ ଦିନ ଭୁବନେଶ୍ୱର ରାଜ୍ୟ ଅତିଥି ଭବନ୍ଠାନେ ୧୭ ଝନ୍କର୍ନୁ ସାକ୍ଷ୍ୟ ଗ୍ରହଣ୍ କରିଥିଲା

ବେଲେ ଗଲାକାଏଲ୍ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାନେ ୪୮ ଝନ୍‌କର୍‌ନୁ ସାକ୍ଷ୍ୟ ଗ୍ରହଣ କରିଛନ୍ । ସବୁ ସାକ୍ଷୀମାନ୍‌କର୍ ଠାନୁ ଘଟ୍‌ନା ବାବଦ୍ ବୟାନ୍ ରେକର୍ଡ୍ କରାଯାଇଛେ ଆଉ ତଦନ୍ତ ଚାଲିଛେ ବଲି ଶ୍ରୀମତୀ ଗର୍ଗ କହିଛନ୍ ।

ଓଡ଼ିଶା ସାହିତ୍ୟ ଏକାଡେମୀ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଓଡ଼ିଶା ସାହିତ୍ୟ ଏକାଡେମୀର୍ ସ୍ୱନକ୍ଷତ୍ର ଦିବସ୍ ପାଲନ୍ ଅବ୍‌ସରେ ସୁବର୍ଣ୍ଣପୁର୍ ଜିଲ୍ଲାସ୍ତର୍ ନ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା ହେଇଯାଇଛେ । ସୁବର୍ଣ୍ଣପୁର୍ ସଂସ୍କୃତି ଭବନ୍ ଆଉ ଜିଲ୍ଲା ପାଠାଗାର୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ବିଦ୍ୟାଲୟର୍ ଛାତ୍ରଛାତ୍ରୀମାନେ ଭାଗ୍ ନେଇଥିଲେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ରାଜେନ୍ଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କୃତି ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ୍ କରିଥିଲେ । ଇନର୍ କୃତି ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାଥି ଜିଲ୍ଲାର୍ ପ୍ରତିନିଧିତ୍ୱ କର୍‌ବେ ।

ବିଶ୍ୱ ଜନସଂଖ୍ୟା ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ଜନସଂଖ୍ୟା ଦିବସ୍ । ଲୋକ୍‌ସଂଖ୍ୟା ବଢୁଥିବାର୍ ସମସ୍ୟା ଆଉ ଲୋକ୍‌ସଂଖ୍ୟା ବଢ଼୍‌ବାର୍‌ଟାକେ ଆଏତ୍ କର୍‌ବାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ସ୍ୱତନ୍ତ୍ର ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*୧୯୮୭ ମସିହା ଜୁଲାଇ ୧୧ ତାରିଖ୍ ଦିନ ପୁର୍‌ଥିର୍ ଜନସଂଖ୍ୟା ୫ ଶହ କୋଟି ଟପିଥିଲା । ଇ ଦିନ୍‌କେ ବିଶ୍ୱ ଜନସଂଖ୍ୟା ବୃଦ୍ଧିର୍ ସମ୍ଭାବ୍ୟ ବିପଦ୍‌ର ସତର୍କ ଘଂଟି ଭାବେ ଧରାଯାଇଥିଲା । ତାର୍‌ଉତ୍‌ରୁ ଜନସଂଖ୍ୟା ଆଏତ୍ ଲାଗି ମିଲିତ ଜାତିସଂଘର୍ ବିକାଶ୍ କାର୍ଯ୍ୟକ୍ରମ୍ ତର୍‌ଫୁ ଫି' ବଛର୍ ଜୁଲାଇ ୧୧ ତାରିଖ୍‌କେ ବିଶ୍ୱ ଜନସଂଖ୍ୟା ଦିବସ୍ ଭାବେ ପାଲନ୍ କର୍‌ବାର୍ ଲାଗି ପ୍ରସ୍ତାବ୍ ଅନାଯାଇଥିଲା । ଫି ବଛର୍ ଜନସଂଖ୍ୟା ଆଏତ୍ କର୍‌ବାର୍ ଲାଗି ଗୁଟେ ଲେଖା ଦିଗ୍ ଉପ୍‌ରେ ଧ୍ୟାନ୍ ଦିଆଯାଇକରି ସଚେତନ୍ କରାଯାଏସି । ଇ ବଛରର୍ ବିଶ୍ୱ ଜନସଂଖ୍ୟା ଦିବସ୍‌ର ବାର୍ତା ହେଉଛେ 'ଆଜିରର୍ ଯୁଆନ୍ ପିଢ଼ି ଚାହୁଥିବା ପରିବାର୍ ଗଢ଼୍‌ବାର୍ ଦିଗେ ସେମାନ୍‌କୁ ବର୍‌କସ୍ କର୍‌ବାର୍' । ଜାତିସଂଘର୍ ରିପୋର୍ଟ ଅନ୍‌ସାରେ ବିଶ୍ୱର୍ ଜନସଂଖ୍ୟା ଶହେ କୋଟିକେ ପୁହୁଁଚିବାର୍‌କେ ହଜାର୍ ହଜାର୍ ବଛର୍ ଲାଗିଥିଲା । ମାତରକ ଗଲା ୨ ଶହ ବଛର୍ ଭିତ୍‌ରେ ଇଟା ୭ ଗୁନା ବଢ଼ିଛେ । ୨୦୧୧ ଜନସଂଖ୍ୟା ଅନ୍‌ସାରେ ପୁର୍‌ଥିର୍ ଜନଗଣନା ୭*

ଶହ କୋଟି ଥିଲା ବେଳେ ୨୦୨୧ ବେଲ୍‌କେ ଇଟା ପାଖାପାଖି ୮ ଶହ କୋଟିକେ ପୁହୁଁଚିଥିଲା । ଲୋକସଂଖ୍ୟା ବଢ୍‌ବାର୍‌ନୁ ଅର୍ଥନୈତିକ୍ ବିକାଶ୍, ରୋଜ୍‌ଗାର୍ ସୁଯୋଗ୍, ପାଏନ୍, ଖାଦ୍ୟ, ଶକ୍ତି, ଜଲ୍‌ବାୟୁ ଉପ୍‌ରେ ପ୍ରତିକୂଳ ପ୍ରଭାବ୍ ପଡୁଛେ । ଇ ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଜାତିସଂଘ ତର୍‌ଫୁ ୧୯୮୯ ମସିହାନୁ ବିଶ୍ୱ ଜନସଂଖ୍ୟା ଦିବସ୍ ପାଳିତ୍ ହେଇ ଆସୁଛେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।

ବିଶ୍ୱ - ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୬ ନୁ ୨୭ ତାରିଖ୍‌ତକ୍ ଜର୍ମାନୀଠାନେ ହେବାର୍‌କେ ଥିବା ବିଶ୍ୱ - ବିଶ୍ୱବିଦ୍ୟାଳୟ କ୍ରୀଡ଼ା-୨୦୨୫ ଥି ଭାରତ୍‌ର ୪ ଶହ ୭ ଝନ୍ ଭାଗ୍ ନେବେ । ଇଥି ଉତ୍କଲ୍ ବିଶ୍ୱବିଦ୍ୟାଳୟର୍ ଆଉ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟନୁ ଝନେ ଲେଖା ଖେଲାଲି ସାମିଲ୍ ଅଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବା ଲଘୁଚାପ୍ ବଲେ ୫ ଦିନ୍‌ତକ୍ ରାଏଜେ ଘଡ଼୍‌ଘଡ଼ି ସହେତେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ

କଲାହାଣ୍ଡି, ବଲାଙ୍ଗିର୍, ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ବର୍ଗଡ଼୍, ନୂଆପଡ଼ା ସହେତେ ୧୩ ଟା ଜିଲ୍ଲାକେ ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।